## ସଂକ୍ଷେପରେ

### ସ୍ୱାସ୍ଥ୍ୟମେଳାରେ ୬୨୩ ରୋଗୀଙ୍କୁ ଚିକିତ୍ସା

**ନୀଳଗିରି, ୧୬।୫(ସ୍ୱ.ପ୍ର.):** ଆୟୁଷ୍ମାନ ଭାରତ ଆନୁକୂଲ୍ୟରେ ତରତରି ବାଳିକା ବିଦ୍ୟା ନିକେତନ ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ବିଭାଗର ମୋଟ ୬୨୩ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି କହିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ବ୍ଲକ ଉପାଧକ୍ଷ ଜ୍ୟୋତିର୍ମୟୀ ପୁଥାଳ, ୧୧ନଂ.ଜୋନ୍ ଜିଲା ପରିଷଦ ସଦସ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ ଯୋଗଦେଇ ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ବରହମପୁର ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ଡା. କାଳିଚରଣ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଡା. ପଙ୍କଜ କୁମାର ଭୋଳ ମଞ୍ଚ ପରିଚାଳନା କରିଥିବା ବେଳେ ଲାବୋରେଟୋରୀ ଟେକ୍ନିସିଆନ ଶିବାଜୀ କୁମାର ବେହେରା ସହଯୋଗ କରିଥିଲେ।

### ସଙ୍କୁଳସ୍ତରୀୟ ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ

**କେନ୍ଦୁଝର, ୧୬।୫ (ସ୍ୱ.ପ୍ର./ଡି.ଏନ.ଏ.):** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ ଠାରେ ଆଜି ଅପରାହ୍ନ ୪ଟା ସମୟରେ କେନ୍ଦୁଝର ସଙ୍କୁଳ ସ୍ତରୀୟ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି, ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଉପସଭପତି ଇଂ ହରମୋହନ ପଟ୍ଟନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ତଥା ଶିକ୍ଷା ବିକାଶ ସମିତି, ଓଡିଶାର ପ୍ରାରମ୍ଭିକ ଶିକ୍ଷା ସଂଯୋଜକ ଖଗେଶ୍ୱର ଦାସ, ପ୍ରାନ୍ତ ବିଦ୍ୱତ୍ ପରିଷଦ ସଂଯୋଜକ ଅଶ୍ୱିନୀ କୁମାର ନାଏକ, ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ ନରେନ୍ଦ୍ର ରାଉଳ, ଉତ୍ତର ସମ୍ଭାଗ ବିଭାଗ ନିରୀକ୍ଷକ କ୍ଷେତ୍ରମୋହନ ଦାସ ମଞ୍ଚାସୀନ ଅତିଥି ଥିଲେ। ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ଅଲେଖ ମହାନ୍ତ ଓ ଶୈକ୍ଷିକ ପ୍ରମୁଖ ଦେବାଶିଷ ସାମଲ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

### ସରିଲା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାରିପଦା ଅଫିସ, ୧୬।୫:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଭୁଗୁଡାକଟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫ଦିନ ବ୍ୟାପି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭୁଗୁଡାକଟା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ଭାବାମୟ ପରିବେଶରେ ଭକ୍ତମାନେ ଉପସ୍ଥିତ ରହି ପ୍ରଭୁଙ୍କ ଚରଣାସ୍ରିତ ହୋଇଛନ୍ତି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଶତାଧିକ ମହିଳା ଓ ପୁରୁଷଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। କମିଟି ସଭାପତି ସୁରେଶ ଚନ୍ଦ୍ର ଭୁଜବଳ ଓ ସମ୍ପାଦକ ଲକ୍ଷ୍ମୀଧର ହାବୋଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଆଧାତ୍ମିକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଡା. ପ୍ରମୋଥ ନାଥ ଭୂୟାଁ, ଜୀବନ ସାହୁ, କବି ବିଷ୍ଣୁ ଶତପଥୀ, କାଉନସିଲର ଭାଗ୍ୟଲକ୍ଷ୍ମୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ଭାଗବତ ପଣ୍ଡା ରାମାୟଣ କଥାବସ୍ତୁ ଉପରେ ପ୍ରବଚନ ଦେଇଥିଲେ। ପୂର୍ଣ୍ଣାହୁତି ଦିନ ଅଞ୍ଚଳବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ଏମ୍‌ପିଙ୍କ ୨ ପିଏସ୍‌ଓ ସମ୍ବର୍ଦ୍ଧିତ

**ଭଦ୍ରକ ଅଫିସ, ୧୬।୫:** ଭଦ୍ରକ ଶହୀଦ ସ୍ମୃତି ଭବନ ପରିସରରେ ନିକଟରେ ଅନୁଷ୍ଠିତ କପିଳମୁନି ମହୋତ୍ସବ-୨୦୨୨ରେ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦୁଇ ପିଏସ୍‌ଓଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଉଦ୍‌ଘାଟକ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ମୁଖ୍ୟଅତିଥି ଭାବେ ଏମ୍‌ପି ମଣ୍ଡଳ ଯୋଗ ଦେଇଥିଲେ। ପିଏସ୍‌ଓ ଅଶୋକ କୁମାର ବେହେରା ଓ ଜିତେନ୍ଦ୍ର କୁମାର ସାମଲ ସମାଜସେବାଠାରୁ ଆରମ୍ଭ କରି ରକ୍ତଦାନ, ବୃକ୍ଷରୋପଣ, ଦୁର୍ଘଟଣାରେ ପୀଡ଼ିତଙ୍କୁ ଆଣି ଡାକ୍ତରଖାନାରେ ଚିକିତ୍ସା କରାଇବା ପରି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ଏମ୍‌ପିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଜ୍ୟାପ୍ତି ହେଲା ଚିଟ୍‌ଫଣ୍ଡ ସଂସ୍ଥାର ୨ ପ୍ଲଟ୍

**ବାଲେଶ୍ୱର ଅଫିସ,୧୬।୫**

ବାଲେଶ୍ୱର ଜିଲା ଚିଟ୍‌ଫଣ୍ଡ ଅଦାଲତରେ ସୋମବାର ଏକ ଠକେଇ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସଦାଶିବ ଜେନା ଏହାର ବିଚାର କରି ଚିଟ୍‌ଫଣ୍ଡ ମ୍ୟାନେଜିଂ ଡାଇରେକ୍ଟର ଓ ଡାଇରେକ୍ଟରଙ୍କ ନାମରେ ଥିବା ୪ଟି କାର୍ ସମେତ ୨ଟି ଜମି ପ୍ଲଟ୍‌କୁ ବାଜ୍ୟାପ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ଏମ୍/ଏସ୍ ଟ୍ରେଷ୍ଟି ସିକ୍ୟୁରିଟିଜ୍ ଲିମିଟେଡ୍ ନାମକ ଅର୍ଥ ଲଗାଣକାରୀ ସଂସ୍ଥା ଭୁବନେଶ୍ୱର ଜୟଦେବବିହାର ନିକଟରେ ମୁଖ୍ୟ କାର୍ଯ୍ୟାଳୟ ଏବଂ ରାଜ୍ୟର ବିଭିନ୍ନ ଜିଲାରେ ଶାଖା କାର୍ଯ୍ୟାଳୟ ଖୋଲିଥିଲା। ଏହି ସଂସ୍ଥା ବିଭିନ୍ନ ଲୋଭନୀୟ ଯୋଜନା ମାଧ୍ୟମରେ ଲୋକଙ୍କଠାରୁ କୋଟିକୋଟି ଟଙ୍କା ଆଦାୟ କରିଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ସଂସ୍ଥା କିଛି ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଟଙ୍କା ଫେରସ୍ତ କରି ବିଶ୍ୱାସ ଜନ୍ମାଇ ବହୁ ଲୋକଠାରୁ ଟଙ୍କା ଠକି ନେଇଥିଲା। ପରେ ସମସ୍ତ କାର୍ଯ୍ୟାଳୟ ବନ୍ଦ କରିଦେଇଥିଲା। ଭଦ୍ରକ ଜିଲା ବାସୁଦେବପୁର ଥାନା ଇରମ ଗ୍ରାମର ପ୍ରଶାନ୍ତ କୁମାର ମାଝି ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର ବିଭିନ୍ନ ଯୋଜନାରେ ୪ଲକ୍ଷ ଟଙ୍କା ଜମା କରିଥିଲେ। କମ୍ପାନୀର ଲୋଭନୀୟ ଯୋଜନାରେ ବଶବର୍ତ୍ତୀ ହୋଇ ନିଜ ପାଖରେ ଥିବା ସମସ୍ତ ଟଙ୍କା ସହିତ ସମ୍ପର୍କୀୟମାନଙ୍କର ମଧ୍ୟ ୪ଲକ୍ଷ ୨୮ହଜାର ୭ଶହ ଟଙ୍କା ଜମା କରାଇଥିଲେ। କମ୍ପାନୀ ପକ୍ଷରୁ କମିଶନ୍ ବାବଦରେ ତାଙ୍କୁ ଚେକ୍ ମିଳିଥିଲା। ଏହାକୁ ବ୍ୟାଙ୍କରେ ଡିପୋଜିଟ୍ କରିବାରୁ ବାଉନ୍ସ ହୋଇଯାଇଥିଲା। ପରେ କମ୍ପାନୀର ଡାଇରେକ୍ଟରମାନେ ଏହାର କୌଣସି ଉତ୍ତର ନ ଦେଇ ଲୁଚିବା ସହ ମୋବାଇଲ ଓ ଅଫିସ୍ ବନ୍ଦ କରିଦେଇଥିଲେ। ଅଭିଯୋଗକାରୀ ମାଝି ଭୁବନେଶ୍ୱର ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ କାର୍ଯ୍ୟାଳୟରେ ଗତ ୨୦୧୫ ମେ ୧୯ରେ ଏମ୍/ଏସ୍ ଟ୍ରେଷ୍ଟି ସିକ୍ୟୁରିଟିଜ୍ ଲିମିଟେଡ୍ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ଦୟାନିଧି ମହାପାତ୍ର, ଡାଇରେକ୍ଟର ରଶ୍ମି ରଞ୍ଜନ ମହାପାତ୍ର, ଅପୂର୍ବ ରଞ୍ଜନ ବେହେରା, ତାରାପଦ ଗିରି, ବିଶ୍ୱଜିତ୍ ରାଉଳ, ଗୌରାଙ୍ଗ ଚରଣ ସାହୁ, ଅଶୋକ କୁମାର ରାଉତ ଓ ହରି ଅର୍ଜୁନ ପଣ୍ଡାଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖାଯାଇଥିଲା। ପରେ ଉକ୍ତ ମାମଲା ସିଭିଲ୍‌କେସ(ନଂ.୧/୨୦୧୭)କୁ ଗତ ୨୦୧୭ ଜାନୁଆରୀ ୧୩ରେ ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତକୁ ବିଚାର ନିମନ୍ତେ ପଠାଇ ଦିଆଯାଇଥିଲା। ଚିଟ୍‌ଫଣ୍ଡ ଅଦାଲତର ଜଜ୍ ଚିଟଫଣ୍ଡ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ଓ ଡାଇରେକ୍ଟରମାନଙ୍କ ନାମରେ ଥିବା ୪ଟି ଚାରିଚକିଆ କାର୍ ଓ ୨ଟି ଜମି ପ୍ଲଟ୍‌କୁ ବାଜ୍ୟାପ୍ତି କରିଛନ୍ତି। ଉକ୍ତ ସମ୍ପତ୍ତିକୁ ଅକ୍ସନ କରି ମିଳିବାକୁ ଥିବା ଅର୍ଥ ସରକାରୀ ତହବିଲରେ ଜମା କରିବାକୁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ କୁମାର ପଣ୍ଡା ମାମଲା। ପରିଚାଳନା କରୁଥିଲେ।

# ଏଫ୍‌ଏମ୍ ମହାବିଦ୍ୟାଳୟରେ ଏନ୍‌ସିସି ଗ୍ରୁପ କମାଣ୍ଡର



ଏନ୍‌ସିସି କ୍ୟାଡର୍‌ମାନେ ଅତିଥିଙ୍କୁ ସ୍ୱାଗତ କରି ପାଛୋଟି ନେଉଛନ୍ତି।

**ବାଲେଶ୍ୱର ଅଫିସ,୧୬।୫**

ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଥିବା ସ୍ଥଳ ସେନା ଏବଂ ନୌସେନା ବିଭାଗର (ବାଳକ ଓ ବାଳିକା ବିଭାଗ) ଏନ୍‌ସିସି କାର୍ଯ୍ୟାଳୟକୁ ଏନ୍‌ସିସି କଟକ ଗ୍ରୁପ କମାଣ୍ଡର କର୍ଣ୍ଣେଲ ରଜନିସ କପୁର ସୋମବାର ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ସପ୍ତମ ଓଡ଼ିଶା ଏନ୍‌ସିସି ବାଟାଲିୟନର କମାଣ୍ଡିଂ ଅଫିସର କେ. ସାନ୍ତା ସିଂ ମଧ୍ୟ ଉପସ୍ଥିତ ଥିଲେ। ଏନ୍‌ସିସି କ୍ୟାଡେଟଙ୍କ ସମେତ ଏନ୍‌ସିସି ଅଫିସର କ୍ୟାପଟେନ ଡ. ବିଦ୍ୟୁତ୍ ପ୍ରଭା ଦାସ ଓ ଲେଫ୍ଟେନାଣ୍ଟ ଆଶିଷ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ କର୍ଣ୍ଣେଲ କପୁରଙ୍କୁ ସ୍ୱାଗତ କରି ଅଧକ୍ଷଙ୍କ ପ୍ରକୋଷ୍ଠକୁ ପାଛୋଟି ନେଇଥିଲେ। ପରେ ଗ୍ରୁପ କମାଣ୍ଡର ଏନ୍‌ସିସି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସମର ଶିକ୍ଷାର୍ଥୀଙ୍କ ଉପସ୍ଥିତିରେ ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଘୋଷ ସଭାପତିତ୍ୱ କରିଥିଲେ। ଲେଫ୍ଟେନାଣ୍ଟ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ କପୁର ଉତ୍ତମ ନାଗରିକ ହୋଇ କଠିନ ପରିଶ୍ରମ କରି ମହାବିଦ୍ୟାଳୟ ନାମକୁ ଗୌରବାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏନ୍‌ସିସି ଅଫିସର କ୍ୟାପଟେନ ଡ. ବିଦ୍ୟୁତ୍ ପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ରରେ ସମସ୍ତ ଏନ୍‌ସିସି କ୍ୟାଡ଼େଟମାନେ ଅଂଶ ଗ୍ରହଣ କରିଥିଲେ।

# 'ରାଜ୍ୟ, ଦେଶ ପ୍ରଗତିରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'

**ବାସୁଦେବପୁର, ୧୬।୫ (ଡି.ଏନ.ଏ.)**

### ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥି।

ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ନୀଳମଣି ଟାଉନହଲ ପରିସରରେ ସୋମବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୩ତମ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମିତିର ରାଜ୍ୟ ସମ୍ପାଦିକା ତାପସ୍ୱୀ ପ୍ରହରାଜ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଓ ଦେଶର ପ୍ରଗତିରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାମାନଙ୍କ ଉପରେ ବଢୁଥିବା ହିଂସା, ନିର୍ଯାତନା କ୍ଷେତ୍ରରେ ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ପୌରାଧକ୍ଷା ନିବେଦିତା ବେହେରା ଯୋଗଦେଇ ସାମାଜିକ ଓ ଆର୍ଥିକ ପ୍ରଗତି କ୍ଷେତ୍ରରେ ମହିଳାମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁରଜିତା ନାୟକ, ସାମ୍ୟବାଦୀ ନେତ୍ରୀ ବନଲତା ଜେନା, ଜିଲା ସଭାନେତ୍ରୀ ପ୍ରଭାତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଜିଲା ସମ୍ପାଦିକା ମମତା ଜେନା। ବାସନ୍ତୀ ଚିତ୍ରକର ଅତିଥି ପରିଚୟ ପ୍ରଦାନ କରିଥିଲେ। ସୀତାରାଣୀ ଦାସ, ରୋଜାଲିନ ସାମ୍ୟବାଦୀ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାମାନେ ଶୋଭା ଯାତ୍ରାରେ ସହର ପରିକ୍ରମା କରିଥିଲେ।

# ଜଳସେବା କାର୍ଯ୍ୟକ୍ରମ

**କେନ୍ଦୁଝର, ୧୬।୫(ଡି.ଏନ୍.ଏ.)**

କେନ୍ଦୁଝର କଲେଜରୋଡସ୍ଥ ମା'ତାରିଣୀ ୱାର୍କର୍ସ କ୍ଲବ ତରଫରୁ ଜଳସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ଦୁଇଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ପରେ ବାଟୋଇ ମାନଙ୍କ ତୃଷା ନିବାରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଡାକ୍ତର ପି.ସି.ଦାସ ଏହି ସାମାଜିକ ସେବା ମୂଳକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାମାଜିକ କଲ୍ୟାଣରେ ସମସ୍ତଙ୍କ ସହଯୋଗ ରହିଲେ ଆମର ଦାୟିତ୍ୱବୋଧ ଆଗାମୀ ପୀଢିକୁ ମାର୍ଗଦର୍ଶନ କରିବବୋଲି ପ୍ରକାଶ କରିଥିଲେ। ଏହି ଜଳସେବା କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପାଣି ଓ ଦହିପଣା ବିତରଣ କରାଯାଇଥିବାବେଳେ ଅନ୍ୟଦିନ ମାନଙ୍କରେ ଲେମ୍ବୁପାଣି, ବେଲପଣା ସମେତ ଅନ୍ୟାନ୍ୟ ଥଣ୍ଡା ପାନୀୟ ସେବା ଅବ୍ୟାହତ ରହିବ ବୋଲି ଅନୁଷ୍ଠାନ ତରଫରୁ ଜଣାପଡ଼ିଛି। ସହର ଏବଂ ଗ୍ରାମାଞ୍ଚଳରୁ ଯାତାୟାତ କରୁଥିବା ବାଟୋଇମାନେ ଏହି ଜଳସେବା କେନ୍ଦ୍ରରୁ ନିଜର ତୃଷା ମେଣ୍ଟାଉଥିବା ପରିଲକ୍ଷିତ ହୋଇଛି। ଏହି ସେବାମୂଳକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଦ୍ୟାଧର ଚୌଧୁରୀ, ଜିତୁ ଦାସ, ଭାଗିରଥୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ମୟୂରଭଞ୍ଜ ଐତିହ୍ୟ ସୁରକ୍ଷା ଅଭିଯାନ




ଅଭିଯାନରେ ସାମିଲ ହୋଇଥିବା ପୁରାତନ ଛାତ୍ରମାନେ।

**ବାରିପଦା ଅଫିସ,୧୬।୫**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ତଥା ରାଜପ୍ରାସାଦର ସୁରକ୍ଷା ନେଇ ନୂତନ ଓ ପ୍ରାକ୍ତନ ଛାତ୍ରସଂସଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଗର୍ବ ଓ ଗୌରବ ବହନ କରୁଥିବା ଐତିହ୍ୟର ସଂରକ୍ଷଣ ଓ ବିଭିନ୍ନ ଦାବିକୁ ନେଇ ମୟୂରଭଞ୍ଜ ଐତିହ୍ୟ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିନିମନ୍ତେ ଏକ କମିଟି ଗଠନ କରାଯାଇ ଦାବି ଉପସ୍ଥାପନା କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

୨୦୧୭ରେ ପୂର୍ତ୍ତ ବିଭାଗ ଦ୍ୱାରା ମୟୂରଭଞ୍ଜ ରାଜପ୍ରାସାଦର କେତେକ ଅଂଶକୁ ଅସୁରକ୍ଷିତ ଘୋଷଣା କରାଯାଇଥିବା ସତ୍ତ୍ୱେ ଶିକ୍ଷା ବିଭାଗ ଦ୍ୱାରା ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ନାମରେ ଛାତ୍ରୀଛାତ୍ରଙ୍କ ଜୀବନକୁ ବାଜି ଲଗାଇ ଶିକ୍ଷାଦାନ କରାଯାଉଛି। ଜିଲାରେ ଥିବା ଐତିହ୍ୟ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାବେଳେ ଦେଶର ସୁରକ୍ଷାକୁ ଶିକ୍ଷା ବିଭାଗ ଦ୍ୱାରା ଅନ୍ଧାରକୁ ଠେଲି ଦିଆଯାଉଥିବା ଅଭିଯୋଗ କରି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି 'ମୟୂରଭଞ୍ଜ ରାଜପ୍ରାସାଦ ସୁରକ୍ଷା ସମିତି' ନାମରେ ଏକ କମିଟି ଗଠନ କରାଯାଇଛି। ସମିତିରେ ସଂଯୋଜକ ଭାବେ କଳିଙ୍ଗ କେଶରୀ ଜେନା ରହିଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଖବରଦାତା ଡ. ବିଜୟ କୁମାର ଅଗ୍ରୱାଲ, ପ୍ରଦୀପ କିଶୋର ମହାନ୍ତି, ବିବେକାନନ୍ଦ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ସାହୁ, ନରୋତ୍ତମ ପାଣିଗ୍ରାହୀ, ନଚିକେତା ଦାସ, ମହେଶ୍ୱର ସାହୁ, ସତ୍ୟସ୍ୱରୁପ ପାତ୍ର, ବିପ୍ଳବ ଭଞ୍ଜନ ବୁଗୁଡେଇ, ନିମାଇଁ ତ୍ରିପାଠୀ, ବିପ୍ଳବ ବାରିକ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଉକ୍ତ ମହାବିଦ୍ୟାଳୟର ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ମହାରାଜାଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି କଲେଜ ସମ୍ମୁଖରେ ସ୍ଥାପନ ଲାଗି ବୈଠକରେ ସ୍ଥିର କରାଯାଇଛି।

# ସମବାୟ ନିର୍ବାଚନ ପରିଚାଳନା କମିଟିରେ ରବୀନ୍ଦ୍ର ଜେନା

**ବାଲେଶ୍ୱର ଅଫିସ,୧୬।୫**

ଆସନ୍ତା ଜୁନ ୧୯ ଓ ୨୬ ତାରିଖରେ ହେବାକୁ ଥିବା ସମବାୟ ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ସମବାୟ କର୍ମଶାଳା ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସମବାୟ ବିଭାଗ ଆନୁକୂଲ୍ୟରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟାବଳୀ ସମ୍ପର୍କରେ ଓ ଆଗାମୀ ସମବାୟ ନିର୍ବାଚନ ପରିଚାଳନା ପାଇଁ ବିଜେଡି ଦଳ ପକ୍ଷରୁ ରାଜ୍ୟରେ ୭ ଜଣିଆ ସମବାୟ ନିର୍ବାଚନ ପରିଚାଳନା କମିଟି ଘୋଷଣା କରାଯାଇଥିଲା। ଏହି ରାଜ୍ୟ ପରିଚାଳନା କମିଟିର ସଦସ୍ୟ ଭାବେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନାମ ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ରାଜ୍ୟ ମୁଖ୍ୟ ସଂଯୋଜକ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମୁଖ୍ୟ ପରାମର୍ଶ ଦାତା, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ବଳବନ୍ତ ରାୟ, ବିକ୍ରମ ପଣ୍ଡା ଓ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ସଦସ୍ୟ ଭାବେ ମନୋନିତ କରାଯାଇଛି। ରାଜ୍ୟସ୍ତରୀୟ କମିଟି ପରେ ଜୋନସ୍ତରୀୟ କମିଟି ଓ ଜିଲାସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଛି। ୩୦ଟି ଜିଲାକୁ ୬ଟି ଜୋନରେ ବିଭକ୍ତ କରାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୁଳ, କେଉଁଝରକୁ ନେଇ ନର୍ଥ ଜୋନ ଘୋଷଣା କରାଯାଇଛି। ଆଗାମୀ ସମବାୟ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ, ସେ ନେଇ ଦଳ ପକ୍ଷରୁ ରୋଡ଼ମ୍ୟାପ ମଧ୍ୟ ପ୍ରସ୍ତୁତ କରାଯାଇଛି। କର୍ମଶାଳାରେ ମନ୍ତ୍ରୀ ପ୍ରତାପ ଜେନା, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ବହୁ ବିଧାୟକ ଓ ବିଜେଡି ଜିଲାସ୍ତରୀୟ ସମବାୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାରେ ସମବାୟ ନିର୍ବାଚନ ପରିଚାଳନା ପାଇଁ ବିଜେଡି ପକ୍ଷରୁ ଅଜୟ ସାମଲ, ମାନସ କୁମାର ଜେନା, ଶ୍ୟାମସୁନ୍ଦର ବେହେରା ଓ ଗିରିଶ ଚନ୍ଦ୍ର ଦାଶଙ୍କୁ ନେଇ ଏକ ୪ ଜଣିଆ କମିଟି ମଧ୍ୟ ଘୋଷଣା କରାଯାଇଛି।

# ବିଦ୍ୟୁତ ବିଲ ଦେୟ ମୁକ୍ତ କରିବାକୁ ଆପ୍‌ର ଦସ୍ତଖତ

**ପାଟଣା,୧୬।୫(ସ୍ୱ. ପ୍ର. )**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଦୁବେଇପେଣ୍ଠଠାରେ ସୋମବାର ଆମ ଆଦମୀ ପାର୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭା ବରିଷ୍ଠ ନେତା ଭବାନୀ ମହାନ୍ତଙ୍କ ଅଧକ୍ଷତାରେ ପୂର୍ଣ୍ଣ ଚନ୍ଦ୍ର ନାଏକ, ଧର୍ନୁଜୟ ମହାନ୍ତ, ଜଗଦୀଶ ନାଏକଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ। ବୈଠକରେ ଟାଟା ପାୱାର ବିଦ୍ୟୁତ କମ୍ପାନୀ ବିରୋଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨ଶହ ୟୁନିଟ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ଯୋଗାଇଦେବା ଦାବିରେ ଉପସ୍ଥିତ ଜନତା ସମସ୍ତେ ଆମ ଆଦମୀ ପାର୍ଟିର ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହି ଦସ୍ତଖତ ଅଭିଯାନକୁ ବ୍ୟାପକ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ଜୁନ ୧୦ ତାରିଖରେ ଉକ୍ତ ଦାବିରେ ଆପ ପକ୍ଷରୁ ଭୁବନେଶ୍ୱରରେ ବିଶାଳ ରାଲିରେ ଯୋଗ ଦେବାକୁ ବୈଠକରେ ନିଷ୍ପତି ହୋଇଛି।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

**ଜଳେଶ୍ୱର,୧୬।୫(ଡି.ଏନ.ଏ.)**



ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳାକୁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଉଦ୍‌ଘାଟନ କରୁଛନ୍ତି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ସରକାରଙ୍କ ସହାୟତାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଦକ୍ଷିଣପ୍ରହରାଜପୁର ପଞ୍ଚାୟତର ଗୁଆଗଡ଼ିଆ ଠାରେ ସୋମବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ ମୃତ୍ୟୁଞ୍ଜୟ ମିଶ୍ର, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଭାସ ନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳର ଲୋକମାନଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟସେବା ସମ୍ପର୍କରେ କହିଥିଲେ। ପିଏଚ୍‌ଇଓ ଫକୀର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ୧୨ ଡାକ୍ତର ଓ ୪୭ଜଣ ସ୍ୱାସ୍ଥ୍ୟକର୍ମୀ ମୋଟ ୧୪୩୯ ରୋଗୀଙ୍କୁ ଚିକିତ୍ସା କରିଥିଲେ।

# ୮୬ ୟୁନିଟ୍ ରକ୍ତ ସଂଗୃହୀତ

**ରୂପସା, ୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ରଘୁନାଥପୁର ପଞ୍ଚାୟତ ବେଲି ହାଇସ୍କୁଲ ପରିସରରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ଡ. ହୃଷିକେଶ ସାହୁ ଓ ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ଗୋବିନ୍ଦ ଦଳେଇ, ୟୁଥ୍ କ୍ଲବ ସମ୍ପାଦକ ସଞ୍ଜୟ କୁମାର ପାତ୍ର ଯୋଗଦେଇଥିଲେ। 'ସମୟର ଚକ୍ର' ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। 'ପ୍ରିନ୍ସ' ଫାଉଣ୍ଡେଶନ୍ ଓ ବିବେକାନନ୍ଦ ୟୁଥ୍ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୮୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଫାଉଣ୍ଡେଶନ ସମ୍ପାଦିକା ମୟୂରୀ ନନ୍ଦ ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

# ଅଞ୍ଜନ ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ଆବାହକ

**ଜଳେଶ୍ୱର, ୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳର ଅଞ୍ଜନ ସିଂଙ୍କୁ ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ରାଜ୍ୟ ଆବାହକ ଦାୟିତ୍ୱ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ସେ ଆଗାମୀ ଦିନରେ ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆକୁ ସଙ୍ଗଠିତ କରିବା ସହିତ ବହୁ ସଂଖ୍ୟାରେ ଯୁବତୀଯୁବକଙ୍କୁ ସାମିଲ କରିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିବେ ବୋଲି କହିଛନ୍ତି। ସେ ଏଥିପାଇଁ ରାହୁଲ ଗାନ୍ଧି, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନାବାସ ବିଭି, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସୋସିଆଲ ମିଡିଆର ଆବାହକ ଦୀପକ କ୍ଷତ୍ରୀ, ଓଡିଶା ଯୁବ କଂଗ୍ରେସ ଭାରପ୍ରାପ୍ତ ରିଆଜୁଲ ଅନ୍‌ସାରୀ, ଓଡ଼ିଶା ସୋସିଆଲମିଡିଆ ସହ ପ୍ରଭାରୀ ବର୍ଷି ଉପାଧ୍ୟାୟ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା, ସୋସିଆଲ ମିଡିଆ ଅଧକ୍ଷ ଅଭିଳାଷ ପତି, ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଜିଲା କଂଗ୍ରେସ ଯୁବ ସଭାପତି ରଞ୍ଜନ ଦାସ, ଜିଲା କଂଗ୍ରେସ ସାଧାରଣ ସଭାପତି ହେମନ୍ତ ଗିରି, ଜିଲା ସଭାପତି ସଞ୍ଜୀବ ଗିରି, କୃଷକ ନେତା ସୁଦାମ ପାତ୍ର ପ୍ରମୁଖଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୧୯୦୦ ରୋଗୀ

**ଖଇରା,୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଖଇରା ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହି ମେଳାକୁ ଉଦଘାଟନ କରିଥିଲେ। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଟି ଜୀବନ ନବୀନ ସରକାରଙ୍କ ପାଇଁ ମୂଲ୍ୟବାନ। ଏଣୁ ଯେଭଳି ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯାଇପାରିବ ସେଥପାଇଁ ଏହି ସେବାକୁ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି କହିଥିଲେ।




ଟିକା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ମଧୁମିତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ ଜଗଦେବ ସ୍ୱାସ୍ଥ୍ୟ ସଚେତନତା ଉପରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ରାଉତ, ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୁକ୍ତାରାଣୀ ପଣ୍ଡା,ସଂଯୁକ୍ତାରାଣି ଦାଶ,ଲକ୍ଷ୍ମୀଧର ପାତ୍ର ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ବିଭାଗରୁ ଆସିଥିବା ୧୦ଜଣ ବିଶେଷଜ୍ଞ ଦ୍ୱାରା ୧ହଜାର ୯୩୬ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଟୀକା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ମଧୁମିତା ଜେନା, ଏନଏମ ଦିପ୍ତିଲତା ଦାସ, ଆଶା କର୍ମୀ ମୋହିନୀ ପାତ୍ର, ଅଙ୍ଗନୱାଡି କର୍ମୀ ସରସ୍ୱତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୪୫୦ମ୍ୟାଲେରିଆ ରୋଗୀଙ୍କୁ କିଟ୍ ବଣ୍ଟନ କରାଯାଇଥିଲା । ବିପିଏମ୍ ସୂର୍ଯ୍ୟକାନ୍ତ ବାରିକ, ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା, ରେଡିଓଗ୍ରାଫର ପ୍ରସନ୍ନଜିତ ସାମଲ,ଫାର୍ମାସିଷ୍ଟ ଜୀବନକୃଷ୍ଣ ଦାସ,ମନୋଜ ରଣା, ଲଳିତ ମହାରଣା, ରବୀନ୍ଦ୍ର ପାଲ, ମନୋରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଯୋଗ ଶିଖାଇ ଥିଲେ।

## ସଂକ୍ଷେପରେ

### ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍, ଜଣେ ଗିରଫ

**ବଡ଼ବିଲ, ୧୬।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କାରାଖେଣ୍ଡରା ନିକଟରେ ଏକ ବୋଲେରୋକୁ ଅଟକାଇ କାରାଖେଣ୍ଡରା ଷ୍ଟିଲ ପ୍ଲାଣ୍ଟର ଅଧିକାରୀ ସୁମିତ ଚାନ୍ଦଙ୍କୁ ଆକ୍ରମଣ କରି ଲୁଟ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାରାଖେଣ୍ଡରା ଗ୍ରାମର କୀର୍ତ୍ତନ ମହାକୁଡ।

ସୂଚନା ଅନୁଯାୟୀ, ଗତ ସୋମବାର ପୂର୍ବାହ୍ନ ପ୍ରାୟ ୯ ଟା ବେଳେ କାରାଖେଣ୍ଡରା ପ୍ଲାଣ୍ଟର ଅଧିକାରୀ ସୁମିତ କାରାକୋହ୍ଲ ଆଡକୁ କାମ୍ପାନୀ ବୋଲେରୋ ଯୋଗେ ଆସୁଥିଲାବେଳେ ହଠାତ୍ ୪ ଦୁର୍ବୃତ୍ତ ବୋଲେରୋକୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ଗାଡିରେ ବସିଥିବା ସୁମିତଙ୍କୁ ଲୁହା ରଡ ଓ ଲାଠି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ସୁନା ଚେନକୁ ଛିଣ୍ଡାଇ ନେବା ସହ ମନି ପର୍ସ ଛଡାଇନେଇଥିଲେ। ଆକ୍ରମଣରେ ସୁମିତଙ୍କ ମୁଣ୍ଡ ଫାଟିଯିବା ସହ ଗୋଟିଏ ହାତ ଭାଙ୍ଗିଯାଇଥିଲା। କୌଣସି ପ୍ରକାରେ ବୋଲେରୋ ଚାଳକ ସୁମିତଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ଉଦ୍ଧାର କରି ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସୁମିତଙ୍କୁ କଟକକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୮୩/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ପୋଲିସ ଏହି ଘଟଣାରେ କୀର୍ତ୍ତନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବଡବିଲ ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

### ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

**ବୈଶିଙ୍ଗା, ୧୬।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ପରିସରରେ ସୋମବାର ଜିଲା ସଡ଼କ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ହ୍ରାସ ନିମନ୍ତେ ଏକ ଦିବସ ବ୍ୟାପୀ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗୋବିନ୍ଦ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ.ଭି.ଆଇ ଚିନ୍ମୟ ମହାନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସଡ଼କ ଦୁର୍ଘଟଣାରେ ଗୁରୁତରଙ୍କୁ କିଭଳି ତୁରନ୍ତ ଉଦ୍ଧାର କରାଯିବା ସଙ୍ଗେସଙ୍ଗେ ଡାକ୍ତରଖାନା ପହଞ୍ଚାଇ ସେମାନଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଡକ୍ରସର ଜିଲା କାଉନସିଲର ପ୍ରାଧାପକ ଡ଼ ଦିଲିପ କୁମାର ଭୋଇଙ୍କ ସହିତ ଅନ୍ୟ ପ୍ରଶିକ୍ଷକ ମାନେ ମଧ ତାଲିମ ପ୍ରଦାନ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୧୬।୫:** ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଜିଲାର ବାସିନ୍ଦା ତଥା ଝାରସୁଗୁଡ଼ା ଏସ୍‌ପି ଭାବେ ସଦ୍ୟ ଅବସର ନେଇଥିବା ବିକାଶ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ଓଡ଼ିଶା ଜଙ୍ଗଲ ଓ ପରିବେଶ ଉପସଚିବ ମଧୁସୂଦନ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭଦ୍ରକ ବାଲଗୋପାଳ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ସେମାନଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ ଓ ଡା. ପ୍ରତାପ କୁମାର ପଣ୍ଡା ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନର ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

### ଅଡ଼ାରେ ସ୍ୱାସ୍ଥ୍ୟ ଶିବିର, ସମ୍ବର୍ଦ୍ଧନା ସଭା

**ଖଇରା/ସିମୁଳିଆ, ୧୬।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ଅଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୁଷ୍ମାନ ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଡା. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ୪୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶିଷ୍ଟ ଶିଳ୍ପପତି ଶଶୀ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଖଇରା, ସିମୁଳିଆ ବ୍ଲକର ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ସଭ୍ୟ ଏଥିରେ ସହଯୋଗ କରିଥିଲେ।

# ରେଳ ଷ୍ଟେଶନ, ଗଳାପୋଲ ଦାବିରେ ଧାରଣା

**ରସାଲପୁର, ୧୬।୫(ଡି.ଏନ.ଏ.)**



ଧାରଣାରେ ବସିଥିବା ଅଞ୍ଚଳବାସୀ।

ବାଲେଶ୍ୱର ଜିଲା ସଦର ଥାନା ନିକଟବର୍ତ୍ତୀ ବାଙ୍ଗରା ନିକଟରେ ଏକ ରେଳ ଷ୍ଟେଶନ ଓ ଗଳାପୋଲ ନିର୍ମାଣ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ଏନଇ ସୋମବାର ରେଳ ଫାଟକ ନିକଟରେ ସାମାଜିକ ନ୍ୟାୟ ଅଧିକାର ମଞ୍ଚ ସଭାପତି ବିଧାନ ଚନ୍ଦ୍ର ଜେନା ଓ ଗେଙ୍ଗୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗ ସିଂଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ପୂର୍ବରୁ ଏନେଇ ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଷ୍ଟେଶନ ମାଷ୍ଟରଙ୍କୁ ରେଳରୋକୋ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ରେଳ ବିଭାଗର ଉଚ୍ଚ ପଦସ୍ଥ କର୍ମଚାରୀ ସେଠାକୁ ଯାଇ ସରଜମିନ୍ ସର୍ଭେ କରିଥିବା ଜଣାପଡ଼ିଛି। ରେଳରୋକୋ ପୂର୍ବରୁ ଷ୍ଟେଶନ ମାଷ୍ଟରଙ୍କ ସମେତ ୧ ପ୍ଲାଟୁନ ରେଳବାଇ ପୋଲିସ ଓ ସଦର ଥାନା ଅଧିକାରୀ ଅଶୋକ କୁମାର ନାୟକ ସେଠାରେ ପହଞ୍ଚି ରେଳରୋକୋ ସ୍ଥଗିତ ରଖିବା ପାଇଁ କହିଥିଲେ। ଷ୍ଟେଶନ ମାଷ୍ଟର ପ୍ରମୋଦ ଚନ୍ଦ୍ର ରାଉତ ଏକ ସପ୍ତାହ ମଧ୍ୟରେ ଏହା ଉପରେ ବିଚାର କରି ପଦକ୍ଷେପ ନିଆଯିବ ବୋଲି କହିବାରୁ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଷ୍ଟେଶନ ମାଷ୍ଟର ରାଉତଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖାନନଗର ସରପଞ୍ଚ ଅଞ୍ଜନ ନାୟକ, ଗେଙ୍ଗୁଟି ସରପଞ୍ଚଙ୍କ ସ୍ୱାମୀ ସତ୍ୟନାରାୟଣ ଆଚାର୍ଯ୍ୟ, ରେମୁଣା ବ୍ଲକ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତଙ୍କ ସମେତ ଖାନନଗର ଓ ଗେଙ୍ଗୁଟି ପଞ୍ଚାୟତର ଶତାଧିକ ଲୋକ ଧାରଣାରେ ସାମିଲ ହୋଇଥିଲେ। ଉଲ୍ଲେଖନୀୟ ଯେ, ଉକ୍ତ ସଙ୍ଗଠନ ପକ୍ଷରୁ ଷ୍ଟେଶନ ନିର୍ମାଣ ପାଇଁ ଗତ ୨୦୧୮ ଅକ୍ଟୋବର ୧୫ରେ ୫ଘଣ୍ଟିଆ ରେଳରୋକୋ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଏନେଇ ବାଲେଶ୍ୱର ଜିଲାପାଳ ପତ୍ରସଂଖ୍ୟା ୭୨୭୧ରେ ସଙ୍ଗଠନ ସହିତ ଆଲୋଚନା ପାଇଁ ୧୧।୧୦।୧୮ରେ ଡକାଇଥିଲେ। ଜିଲାପାଳଙ୍କ ଅଧକ୍ଷତାରେ ଡିଭିଜନାଲ ମ୍ୟାନେଜର ଖଡ଼ଗପୁର, ବାଲେଶ୍ୱର ଏସ୍‌ପି, ଉପଜିଲାପାଳ, ତହସିଲଦାର, ବାଲେଶ୍ୱର ଷ୍ଟେଶନ ମ୍ୟାନେଜରଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ସର୍ବେକ୍ଷଣ କରାଯାଇଥିଲା। ହେଲେ ଅଦ୍ୟାବଧି ଏନେଇ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମଞ୍ଚ ସଭାପତି ଜେନା ପ୍ରକାଶ କରିଛନ୍ତି।

# ଆରମ୍ଭ ହେଲା ଉତ୍କଳ ମିନାବଜାର, ବାଣିଜ୍ୟ ମେଳା

**ଧାମନଗର, ୧୬।୫ (ଡି.ଏନ.ଏ)**


ସଭାରେ ଉପସ୍ଥିତ ଅତିଥି।

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ କାଳୀପଡ଼ିଆରେ ମା’ ଶକ୍ତିମୟୀ ଯୁବସଂସଦ ଆନୁକୂଲ୍ୟରେ ଉତ୍କଳ ମିନାବଜାର ଓ ବାଣିଜ୍ୟ ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଶକ୍ତିମୟୀ ଯୁବସଂସଦର ସଭାପତି ପ୍ରଶାନ୍ତ କୁମାର ବିଶ୍ୱାଳ ମେଳା ଓ କୁନି କୁନି ପିଲାଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ରଣଜିତ ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ନାରଣ ସାହାଣୀ, ଦେବେନ୍ଦ୍ର ଆଦିଆ, ବିଷ୍ଣୁ ଚରଣ ଦାସ, ରାଜୀବ ମାଝି, ପ୍ରଭାତ କୁମାର ଦାସ, ସରୋଜ ଧଳ, ନିରଞ୍ଜନ ଜେନା, ଅନିଲ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମଥର ପାଇଁ ଆୟୋଜିତ ଏହି ମେଳାକୁ ସମସ୍ତେ ଉପଭୋଗ କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରିଥିଲେ। ମେଳାରେ ଜିଲା ଓ ଜିଲା ବାହାରୁ ଆସିଥିବା ବିଭିନ୍ନ ଦୋକାନ ବଜାର ପଡ଼ିଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମେଳା ଚାଲୁ ରହିବ ବୋଲି ଶକ୍ତିମୟୀ ଯୁବସଂସଦ ପକ୍ଷରୁ କୁହାଯାଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଆକ୍ରମଣ

**ଆନନ୍ଦପୁର, ୧୬।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୮ ନଂ ୱାର୍ଡରେ ଥିବା ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟନ୍ତ କୁମାର ଦାଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାଡ ମାରିବା ଏବଂ ଷ୍ଟାଫ୍ ନର୍ସଙ୍କୁ ଗାଳି ଗୁଲଜ କରାଯିବା ଭଳି ଘଟଣାକୁ ନେଇ ଆନନ୍ଦପୁର ଥାନାରେ ରବିବାର ଲିଖିତ ଅଭିଯୋଗ ହୋଇଛି। ଏନେଇ ଡାକ୍ତରଙ୍କ ଅଭିଯୋଗକ୍ରମରେ ଆନନ୍ଦପୁର ଥାନାରେ ଏକ ମାମଲା (ନଂ ୧୧୭/୨୦୨୨) ରୁଜୁ କରାଯାଇଛି। ଏଭଳି ଘଟଣାକୁ ନେଇ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ନିଜେ ଡାକ୍ତର ଜୟନ୍ତ କୁମାର ଦାଶ ନିଜକୁ ଅସୁରକ୍ଷିତ ବୋଲି ମନେ କରୁଥିବା ପ୍ରକାଶ କରିଛନ୍ତି। ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ସକାଳ ୧୧ଟା ୩୦ରେ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ସମ୍ପର୍କିତ କିଛି ଆଲୋଚନା ପାଇଁ ଫକୀରପୁରସ୍ଥିତ ଆନନ୍ଦପୁର ବିଧାୟକଙ୍କ ବାସଭବନକୁ ଡାକ୍ତର ଜୟନ୍ତ କୁମାର ଦାଶ ଏବଂ କର୍ମଚାରୀ ଓ ଷ୍ଟାଫନର୍ସଙ୍କ ସହିତ ସରକାରୀ ଗାଡିରେ ଆସିଥିଲେ। ସେଠାରେ କେତେଜଣ ବ୍ୟକ୍ତିଙ୍କୁ ବିଧାୟକଙ୍କ ଉପସ୍ଥିତ ସମ୍ପର୍କରେ ପଚରାଯିବା ସମୟରେ ଜଣେ ବ୍ୟକ୍ତି ମହିଳା ଷ୍ଟାଫଙ୍କୁ ଗାଳିଗୁଲଜ କରିବାସହ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦାଶଙ୍କୁ ଏକ ଚାପୁଡା ମାରିଥିଲେ। ଏଭଳି ଅପ୍ରୀତିକର ଘଟଣା ସମୟରେ ବିଧାୟକ ନିଜ ବାସଭବନରେ ଅନୁପସ୍ଥିତ ଥିବା ଡାକ୍ତର ଦାଶ ପ୍ରକାଶ କରିଛନ୍ତି।

# ବିନା ସୁରକ୍ଷା ବ୍ୟବସ୍ଥାରେ ଚାଲିଛି ମାର୍କେଟ କମ୍ପ୍ଲେକ୍ସ, ମଲ୍

## ନୋଟିସ ଦେଇ ଅଗ୍ନିଶମ ସେବା ବିଭାଗ ଚୁପ

**କେନ୍ଦୁଝର, ୧୬।୫ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ବିନା ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ରହିଛି ହୋଟେଲ, ସପିଂ ମଲ, ମାର୍କେଟ କମ୍ପ୍ଲେକ୍ସ, ସିନେମା ହଲ, ସରକାରୀ, ଘରୋଇ ଓ ବ୍ୟବସାୟିକ ଅନୁଷ୍ଠାନ କୋଠାଘର। ଏଥିପାଇଁ ସ୍ୱତନ୍ତ୍ର ଗାଇଡଲାଇନ ରହିଛି। ଏପରିକି ପ୍ଲାନ ଅନୁମୋଦନ ସମୟରେ ଏହି ଗାଇଡ ଲାଇନକୁ ମାନିବା ଜରୁରୀ । କିନ୍ତୁ ପାଳନ ହେଉ ନ ଥିବାରୁ କୌଣସି ଅଘଟଣ ଘଟିଲେ ଲୋକଦେଖାଣିଆ ଭାବରେ ସେସବୁ ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଭାବେ ଚଢାଉ ହୁଏ। ଏବଂ ଏହା ନୋଟିସ ମଧ୍ୟରେ ସୀମିତ ରହିଯାଏ । ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅନେକ ଏହି ଗୁରୁତ୍ୱପୂର୍ଣ୍ଣ ନୀତିନିୟମକୁ ପାଳନ କରୁନାହାନ୍ତି ବୋଲି ମତପ୍ରକାଶ ପାଉଛି । ଲୋକଙ୍କ ଧନଜୀବନର ସୁରକ୍ଷା ସରକାରଙ୍କ ହାତରେ ରହିଛି। ଏଣୁ ଏଥିପାଇଁ ଓଡିଶା ଫାୟାର ପ୍ରିଭେନସନ ରୁଲ ୨୦୧୯ ପ୍ରଣୟନ କରାଯାଇଛି। ତଦନୁଯାୟୀ ସମସ୍ତ କମର୍ସିଆଲ ସଂସ୍ଥା ମାନେ ଏହି ରୁଲ ପାଳନ କରିବା ବାଧ୍ୟତା ରହିଛି। କୋଠା ପ୍ଲାନିଂ, ଜାତୀୟ ନ୍ୟାଶନାଲ ବିଲ୍ଡିଂ କୋଡ, ନିଆଁ ଲିଭା ସରଞ୍ଜାମ ବ୍ୟବସ୍ଥା ଆଦି ଯାଞ୍ଚ କରାଯାଇ ଲାଇସେନ୍ସ ପ୍ରଦାନ କରିବା ପରେ ସେସବୁ ଖୋଲିବା କଥା। ଏଥିପାଇଁ ଫାୟାର ଅଡିଟ କରାଯାଇଥାଏ। କିନ୍ତୁ ସେସବୁ ଠିକ୍ ଭାବେ ପାଳନ ହେଉନାହିଁ। ଏସବୁର ତଦାରଖ ସୁଦୁର ୧୮୦ କି.ମି. ଦୂର ରାଉରକେଲାରେ ଥିବା ଅଗ୍ନିଶମ ସେବା ବିଭାଗ ବୁଝିଥାଏ। ଏଣୁ କମର୍ସିଆଲ ସଂସ୍ଥାଗୁଡିକ ଉପରେ ଲଗାମ ଲାଗିପାରୁନାହିଁ। ତେବେ ଅନେକଙ୍କ ବାହାରକୁ ଯିବାକୁ ସ୍ୱତନ୍ତ୍ର ଆପାତକାଳୀନ ରାସ୍ତା ନାହିଁ। ସେହିପରି ପ୍ରଶସ୍ତ ପ୍ରବେଶ ପଥ ମଧ ନାହିଁ। ଅନେକ କୋଠା ଚାରିପାଖ ଖୋଲା ନ ଥିବାରୁ ଦମକଳ ଗାଡ଼ି ମଧ ସେସବୁ କୋଠାର ଚାରିପାଖ ବୁଲି ପାଣି ସିଞ୍ଚନ କରିପାରିବ ନାହିଁ। ଫଳରେ ନିଆଁ ଆଖପାଖ ଘରୋଇ କୋଠାବାଡି ଆଦିକୁ ବ୍ୟାପିବା ସମ୍ଭାବନା ରହିଛି। ସେହିପରି ଗାନ୍ଧୀ ଛକ ନିକଟରେ ଦୁଇଟି ସପିଂ ମଲ ଲାଗି ଲାଗି ରହିଥିବାରୁ ଅଘଟଣ ଘଟିଲେ ବ୍ୟାପକ କ୍ଷୟକ୍ଷତି ହେବା ଆଶଙ୍କା ରହିଛି। ଏସମ୍ପର୍କରେ ଆସିଷ୍ଟାଣ୍ଟ ଫାୟାର ଅଫିସର କେ.ସି.ସାମଲ କହିଛନ୍ତି, ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର ଫାୟାର ସେଫଟି ବ୍ୟବସ୍ଥା ଯାଞ୍ଚ କରାଯାଇ ଜିଲା ମାଜିଷ୍ଟ୍ରେଟ ତଥା ଡିଜିଙ୍କୁ ରିପୋର୍ଟ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ।




### କାର୍-ବାଇକ୍ ମୁହାଁମୁହିଁ: ଜଣେ ମୃତ

**ବାରିପଦା ଅଫିସ/ରାଇରଙ୍ଗପୁର, ୧୬।୫ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ଅଧୀନ ଦଲକୀ ଗାଁ ନିକଟରେ ସୋମବାର ଅପରାହ୍ନରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ରାଇରଙ୍ଗପୁର ପୌରପରିଷଦ ଅଞ୍ଚଳର ଇଟିଣ୍ଡାର ତୁଷାର କାରୁଆ ବୋଲି ଜଣାପଡ଼ିଛି ।

# ‘ଜଣେ ଭଲ ମଣିଷର ମୃତ୍ୟୁ ନ ଥାଏ’

**ଧାମନଗର, ୧୬।୫(ଡି.ଏନ.ଏ)**

ଜଣେ ଭଲ ମଣିଷ ଓ ଆଦର୍ଶ ଶିକ୍ଷକଙ୍କର ମୃତ୍ୟୁ ନ ଥାଏ। ତାଙ୍କର ଚିର ଅପାସରା ସ୍ମୃତି ଓ କର୍ତ୍ତବ୍ୟନିଷ୍ଠା ଆଗାମୀ ପିଢ଼ିକୁ ଏକ ସୁନ୍ଦର ଭବିଷ୍ୟତ ଲାଗି ପଥ ପ୍ରଦର୍ଶନ କରିଥାଏ ବୋଲି ଧାମନଗର ବ୍ଲକ ଅଧୀନ କରଦା ପଞ୍ଚାୟତ ନନ୍ଦିପୁର ଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ କାନନ ବିହାରୀ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ମତପ୍ରକାଶ ପାଇଛି। ଭୋଳାନାଥ ସାହୁଙ୍କ ସଞ୍ଚାଳନାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ସଭାକୁ ଧାମନଗର ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର, ଘଣ୍ଟେଶ୍ୱର ସାହୁ, ରବୀନ୍ଦ୍ର କର, କୃତ୍ତିବାସ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରଶାନ୍ତ ବିଶ୍ୱାଳ, ପ୍ରତାପ ସାମଲ, ବିନୋଦ ନାୟକ, ରବିନାରାୟଣ ନନ୍ଦ, କୁଳମଣି ବେହେରା, ମନୋଜ ଜେନା, ଶରତ ଚନ୍ଦ୍ର ସାହୁ, ହେମେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ‘ସ୍ମୃତି ତୀର୍ଥରେ କାନନ ସାର୍’କୁ ଅତିଥିମାନେ ଉନ୍ମୋଚନ କରାଯାଇଥିଲା। ରଣଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ସ୍ମରଣିକା ‘ସ୍ମୃତି ତୀର୍ଥରେ କାନନ ସାର୍’ ଉନ୍ମୋଚନ କରାଯାଉଛି।

# ପ୍ରଶିକ୍ଷଣ ନେଲେ ରୂପାନ୍ତରିତ ବିଦ୍ୟାଳୟ ଶିକ୍ଷକ

**ଭଦ୍ରକ ଅଫିସ, ୧୬।୫**

ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ରୂପାନ୍ତରିତ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକ ଓ ଶିକ୍ଷକମାନଙ୍କ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ସମଗ୍ର ଶିକ୍ଷା ଓ ଜିଲା ଶିକ୍ଷା କାର୍ଯ୍ୟାଳୟ ସମନ୍ୱୟରେ ଆୟୋଜିତ ଏହି ଶିବିରକୁ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷାର୍ଥୀ ପ୍ରଧାନଶିକ୍ଷକ ଓ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ, ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷା କାର୍ଯ୍ୟାଳୟର ପ୍ରୋଗ୍ରାମର ମନୋଜ କୁମାର ନାୟକ ଓ ଭଣ୍ଡାରିପୋଖରୀ ଗୋଷ୍ଠୀ ସାଧନ ଶିକ୍ଷା କାର୍ଯ୍ୟାଳୟର ତଥ୍ୟ ସଞ୍ଚାଳକ ଆଲୋକ ବିଶ୍ୱାଳ ଡିଜିଟାଲ ସ୍କିଲ ଉପରେ ତାଲିମ ଦେଇଥିଲେ। ଅନ୍ତିମ ଦିବସରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଜିଲା ଶିକ୍ଷାଧିକାରୀ ମିଶ୍ର ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ରମଧା ଶାସନରେ ନୃସିଂହ ପୂଜା


ନୃସିଂହ ଠାକୁରଙ୍କ ପୂଜା କରାଯାଉଛି।

**ବାହାନଗା, ୧୬।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ରମଧା ଗ୍ରାମ ଶାସନରେ ନୃସିଂହ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀ ଶ୍ରଦ୍ଧାଳୁମାନେ କଳସ ବୁଡ଼ାଇ ପୂଜା ଆରମ୍ଭ କରିଥିଲେ। କର୍ତ୍ତା ଭାବେ ଚିତ୍ତରଞ୍ଜନ ଦାଶ ଓ କର୍ତ୍ତୀ ଭାବେ ତିଳୋତ୍ତମା ଦାଶ କାର୍ଯ୍ୟ ତୁଲାଇ ଥିଲେ। ପୂଜାରେ ଷୋଡଶ ଉପଚାର, ନ୍ୟାସ, ସନ୍ଧ୍ୟା ଆରତୀ ସହିତ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥିଲା। ପଣ୍ଡିତ ବିଜୟ ତ୍ରିପାଠୀ, ରଘୁନ୍ ତ୍ରିପାଠୀ, ଫାଲଗୁନି ଦାଶ, ପ୍ରମୋଦ ଦାଶ, ଅମରେନ୍ଦ୍ର ରଥ, ପରେଶ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ।

# ମନ ମୋହିଲା ବଗପଞ୍ଚମୀ ନୃତ୍ୟ

## ସରିଲା ବୈଶାଖୀ ପର୍ବ

**ମୋରଡ଼ା, ୧୬।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରେଶ୍ୱର ମହାଦେବଙ୍କ ବୈଶାଖୀ ପର୍ବ ରବିବାର ଉଦ୍‌ଯାପିତ ହୋଇଛି। ଶନିବାର ଶିବ ଉପାସକମାନେ ନିଆଁରେ ଚାଲିଥିବା ବେଳେ ରବିବାର ଉଡ଼ାପର୍ବ ଅନୁଷ୍ଠିତ ହୋଇଥିଲା। ତେବେ ବୈଶାଖୀ ପର୍ବର ଆକର୍ଷଣ ପ୍ରସିଦ୍ଧ ଛଉ ପର୍ବ ମଧ ଶେଷ ହୋଇଛି। ମୁଖ୍ୟଅତିଥି ଭାବେ ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ପିଥନାଥ ସୋରେନ, ମୁଖ୍ୟବକ୍ତା ଉପାଧକ୍ଷା ଜେମାମଣି ମହାନ୍ତ, ଅନ୍ୟତମ ଅତିଥି ଭାବେ ଚିତ୍ରଡ଼ା ସରପଞ୍ଚ ବାଳକ ମାର୍ଣ୍ଡି ଯୋଗ ଦେଇଥିଲେ। ଉତ୍ତରସାହି ଓ ଦକ୍ଷିଣସାହିର ସଭାପତି ହରିଶ୍ଚନ୍ଦ୍ର ରାୟବାବୁ, ନରେନ୍ଦ୍ର ମହାନ୍ତ, ସମ୍ପାଦକ ରମଣୀ ରଞ୍ଜନ ଧର ମହାପାତ୍ର, କମଳେନ୍ଦୁଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଛଉ ନୃତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଚିତ୍ରଡ଼ା ଉତ୍ତରସାହିର ସ୍ୱର୍ଗତ ତ୍ରିଲୋଚନ ସିଂବାବୁ ଓ କୃଷ୍ଣ ମାଧବ ବାରିକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷ ରାତିରେ ଉଭୟ ସାହି ପକ୍ଷରୁ ଛଅଟି ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ତରସାହି ପକ୍ଷରୁ ପରିବେଷିତ ବଗପଞ୍ଚମୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

# ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ, କର୍ମଚାରୀ

## ସପ୍ତମ ବେତନ କମିଶନ ଦରମା ପ୍ରଦାନରେ ସରକାରୀ ପଦ୍ଧତି ନିର୍ଦ୍ଧାରଣର ପ୍ରତିବାଦ

**ବାଲେଶ୍ୱର ଅଫିସ, ୧୬।୫**

ବାଲେଶ୍ୱର ଜିଲା ଓଷ୍ଟା କାର୍ଯ୍ୟକାରୀ କମିଟି ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ପ୍ରକାଶ କରିଥିବା ନୂତନ ଅନୁଦାନଭୁକ୍ତ ଶିକ୍ଷକ କର୍ମଚାରୀଙ୍କ ସପ୍ତମ ବେତନ କମିଶନ ଦରମା ପ୍ରଦାନର ପଦ୍ଧତି (ମୋଡାଲିଟି) ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଓ ମନମୁଖୀ ଏବଂ ଠିକ୍ ପଦ୍ଧତି ନିର୍ଦ୍ଧାରଣ କରିବାକୁ ବୈଠକରେ ଦୃଢ଼ ଦାବି କରାଯାଇଛି। ନଚେତ୍ ରାଜ୍ୟର ୫୦ହଜାର ଶିକ୍ଷକ କର୍ମଚାରୀ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସମ୍ପାଦକ ମନୋରଞ୍ଜନ ଦାସ ଓ ସଭାପତି ବାଦଲ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ କରାଯିବ ବୋଲି ଗତ ଜାନୁଆରୀ ୧୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ବେତନ ପ୍ରଦାନର ପଦ୍ଧତି ପ୍ରକାଶ କରି ନ ଥିଲେ। ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଜିଲା ଶିକ୍ଷାଧିକାରୀମାନେ ମନୋମୁଖୀ କାର୍ଯ୍ୟ କରି କିଏ ଦେଲେ କିଏ ଦେଲେ ନାହିଁ। ବିଜ୍ଞପ୍ତିରେ କେବଳ ୩୧।୧୨।୨୦୧୨ ସୁଦ୍ଧା ୧୦୦% ଦରମା ପାଉଥିବା ବିଦ୍ୟାଳୟକୁ ଏହା ଦିଆଯିବାର ନିର୍ଦ୍ଦେଶ ରହିବା ସହ ୭୦% କିମ୍ବା ୧।୧।୨୦୨୨ରିଖରେ ୧୦୦% ପାଇବାକୁ ଯୋଗ୍ୟ କର୍ମଚାରୀଙ୍କ ବାବଦରେ ସରକାର ନୀରବ ରହିଥିଲେ। ଏ ନେଇ ସାରା ରାଜ୍ୟରେ ଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାପୂର୍ବରୁ ଦିଆଯାଇଥିବା ସରକାରୀ ତଥା ପୂର୍ଣ୍ଣ ଅନୁଦାନ ପ୍ରାପ୍ତ କର୍ମଚାରୀଙ୍କ ଓଆର୍‌ଏସ୍‌ପି ରୁଲ୍-୨୦୧୭ ସପ୍ତମ ବେତନଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏ ବାବଦରେ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି କ୍ରମେ ରବିବାର ବାଲେଶ୍ୱର ଜିଲା ଓଷ୍ଟା କାର୍ଯ୍ୟକାରିଣୀର ଆଭାସୀ ବୈଠକରେ ଦୃଢ଼ ପ୍ରତିବାଦ କରାଯାଇଛି। ବୈଠକରେ ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ, ରାଜେନ୍ଦୁ ବିକାଶ ପାତ୍ର, ନବକିଶୋର ବାରିକଙ୍କ ସମେତ ୧୫ଟି ମଣ୍ଡଳର ସମ୍ପାଦକମାନେ ବକ୍ତବ୍ୟ ରଖିଥିଲେ। ଆସନ୍ତା ୧୭ ତାରିଖ ସୁଦ୍ଧା ସରକାର ଏହାର ସମାଧାନ ସହ ଉଚିତ୍ ପଦ୍ଧତି ନିର୍ଦ୍ଧାରଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

